# ODM PUBLIC SCHOOL

**SESSION :9**
**CLASS : V**
**SUBJECT : ଓଡିଆ**
**CHAPTER NUMBER:03**
**CHAPTER NAME :ଶୁଖିଲା ପତ୍ରର କଥା**
**SUBTOPIC :ଶବ୍ଦାର୍ଥ ,ବାକ୍ୟଗଠନ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ଗୁରୁଙ୍କ କଥାର ମହତ୍ତ୍ୱ ବିଷୟରେ ଅବଗତ ହେବା ।

# ଶୁଖିଲା ପତ୍ରର କଥା ।

ବୁଢା ପାଖରୁ ଏ କଥା ଶୁଣି ଶିଷ୍ୟ ଦୁହେଁ ସେଠାରୁ ମଧ୍ଯ ହତାଶ ହୋଇ ଫେରିଲେ। କାରଣ ଗୁରୁ ତ କହିଛନ୍ତି,ଯେଉଁ ପତ୍ର କାହାର ଦରକାରରେ ଲାଗୁ ନ ଥିବ କେବଳ ସେହି ପତ୍ର ଆଣିବ । ସେମାନେ ଆଉ କିଛି ବାଟ ଆଗକୁ ଗଲେ,ଦେଖିଲେ ଝିଅଟିଏ ଶୁଖିଲା ପତ୍ର ଏକାଠି କରି ବିଡ଼ା ବାନ୍ଧୁଛି।ପତ୍ରତକ ତା'ର କି କାମରେ ଲାଗିବ ବୋଲି ପଚାରିବାରୁ ଝିଅଟି କହିଲା, "ଏହାକୁ ଘରକୁ ନେଇ ଏଥିରେ ଖଲି ଆଉ ଠୋଲା ତିଆରି କରିବି, ତାହାକୁ ବିକ୍ରି କରି ମୋର ରୋଗିଣା ମାଆ ପାଇଁ ଔଷଧ ଆଣିବି।"

# ଶବ୍ଦାର୍ଥ

ହତାଶ –ନିରାଶ
ଖଲି –ପତ୍ରରେ ତିଆରି ପାତ୍ର
ଠୋଲା – ଠୁଙ୍ଗା

# ଶୁଖିଲା ପତ୍ରର କଥା

ଝିଅଟିର କଥା ଶୁଣିବା ପରେ ଶିଶିର ଓ ତୁଷାର ସେଠାରୁ ଶୁଖିଲା ପତ୍ର ନ ନେଇ ଆଗକୁ ଚାଲିଲେ । ଜଙ୍ଗଲ ଭିତରେ ଗୋଟିଏ ଉଚ୍ଚା ଗଛ ମୂଳରେ କିଛି ଶୁଖିଲାପତ୍ର ପଡ଼ିଥିବାର ସେମାନେ ଦେଖିଲେ। ସେଠାରୁ ପତ୍ର ନିଆଯାଇପାରେ ବୋଲି ଭାବିଲା ବେଳକୁ ଦେଖିଲେ ଚଢେଇଟିଏ ପତ୍ର ପାଖକୁ ଉଡ଼ି ଆସିଲା । ଶୁଖିଲା ପତ୍ରଟିଏ ଥଣ୍ଟରେ ଧରି ପାଖରେ ଥିବା ଗଛ ଉପରକୁ ଉଡିଗଲା । ଶିଷ୍ୟ ଦୁହେଁ ନିରୀକ୍ଷଣ କରି ଦେଖିଲେ ଚଢେଇଟି ସେଠାରେ ବସା ତିଆରି କରୁଥିଲା । ପତ୍ରଟିକୁ ନେଇ ସେ ତା'ର ବସା ବାନ୍ଧିବା କାମରେ ଲଗାଇଦେଲା । ତୁଷାର ଓ ଶିଶିର ଭାବିଲେ,ଏ ସ୍ଥାନରୁ ମଧ୍ୟ ପତ୍ର ନେଇ ହେବ ନାହିଁ । ତଥାପି ସେ ଦୁହେଁ ହତାଶ ନ ହୋଇ ଚାଲିଥା'ନ୍ତି । ଆଗକୁଯାଉ ଯାଉ ଦେଖିଲେ ଗୋଟାଏ ପାଣି ନାଳ । ସେହି ନାଳରେ କେତେଗୁଡିଏ ଶୁଖିଲା ପତ୍ର ଭାସୁଛି । ସେହି ପତ୍ରକୁ ଆଶ୍ରା କରି ପିମ୍ପୁଡିମାନେ ମୁହଁରେ ଖାଦ୍ୟ କଣିକା ଧରି ଏପାରିରୁ ସେପାରିକୁ ଖୁସିରେ ଚାଲିଯାଉଛନ୍ତି ।

# ଶବ୍ଦାର୍ଥ

ନିରୀକ୍ଷଣ –ଭଲ ଭାବରେ ଦେଖିବା
ହତାଶ –ନିରାଶ
ଆଶ୍ରା –ସାହାଯ୍ୟରେ
ଖାଦ୍ୟକଣିକା –ଖାଦ୍ୟଦାନା

ODM PUBLIC SCHOOL

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ଓ ବାକ୍ୟଗଢ଼ା

# LEARNING OUTCOME:

ଗୁରୁଦକ୍ଷିଣା ସଂଗ୍ରହରେ ଶିଶିର ଓ ତୁଷାରଙ୍କ ଅସହାୟତାବୋଧ ।

ODM PUBLIC SCHOOL

# THANKING YOU

# ODM EDUCATIONAL GROUP